## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଚିନ୍ମୟ ମିଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ସଭାଗୃହ। ସମୟ: ପୂର୍ବାହ୍ନ ୯ଟା ୩୦
- ବିଶ୍ୱ ମୃତ୍ତିକା ଦିବସ -୨୦୨୩, ସ୍ଥାନ: ସଦ୍ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବାଘ ଗୁଜବ, ଦୋକାନ ବଜାର ବନ୍ଦ

ହାଟଡିହୀ,୪ା୧୨(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ବାଘ ବୁଲୁଥିବା ଗୁଜବକୁ ନେଇ ଭୟର ବାତାବରଣ ଖେଳିଯାଇଛି। ଏହି ବ୍ଲକ ଅଧୀନ ବିଭିନ୍ନ ଛକ ବଜାରର ବ୍ୟବସାୟୀମାନେ ସୋମବାର ବାଘ ଭୟରେ ଦୋକାନ ବନ୍ଦ କରି ଘରକୁ ପଳାଇଥିଲେ। ଏଥିସହ ବିଭିନ୍ନ ଗ୍ରାମର ଲୋକେ ମଧ୍ୟ ଭୟରେ କବାଟ କିଳି ଘରେ ରହିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାସମୟରୁ ବଜାର ଘାଟ ଶୂନଶାନ ହୋଇ ଯାଇଥିଲା। ତେବେ ବାଘ କେଉଁଠି ଅଛି କେହି ଠିକ୍ ଭାବେ କହି ପାରୁନାହାଁନ୍ତି। ଏ ସମ୍ପର୍କରେ ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁଙ୍କୁ ପଚାରିବାରୁ ବାଘ ବୁଲୁଥିବା ନେଇ ବନ ବିଭାଗ ପାଖରେ କିଛି ସୂଚନା ନାହିଁ। ଅଞ୍ଚଳରେ ବାଘର ପାଦ ଚିହ୍ନ ମଧ୍ୟ ମିଳିନାହିଁ। ତେଣୁ ଏହା ଗୁଜବ ହୋଇଥାଇ ପାରେ ବୋଲି ସେ କହିଛନ୍ତି।

## ଯୁବକଙ୍କ ମୃତଦେହ ଜବତ

ବାଙ୍ଗିରିପୋଷି,୪ା୧୨(ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ଥାନା ଅଧୀନ ବାଙ୍ଗିରିପୋଷି-ବ୍ରାହ୍ମଣଗାଁ ପ୍ରଧାନମନ୍ତ୍ରୀ ସଡ଼କର ଘାଟିତଳ ପୋଖରୀ ନିକଟରୁ ସୋମବାର ସକାଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କ ମୁଣ୍ଡ ଓ ଯୌନାଙ୍ଗରେ ଗଭୀର କ୍ଷତ ହୋଇଥିବା ବେଳେ ଏହା ହତ୍ୟା ନା ଦୁର୍ଘଟଣା ସ୍ପଷ୍ଟ ହୋଇନାହିଁ। ମୃତକ ହେଲେ ବାଘିଆବେଡ଼ା ଗ୍ରାମର ପ୍ରଫୁଲ୍ଲ ନାଏକଙ୍କ ପୁଅ ଗିରିଶ। ସେ ଗତ ରବିବାର ରାତିରୁ ଘରକୁ ଫେରି ନ ଥିଲେ। ସୋମବାର ସକାଳୁ ଘାଟିତଳ ପୋଖରୀ ନିକଟରେ ରାସ୍ତା କଡ଼ରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ବାଙ୍ଗିରିପୋଷି ଥାନାକୁ ଖବର ଦେଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୫୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ଧାନ ବିଲ ଭିତରକୁ ପଶିଗଲା ଟ୍ରକ୍

ପାଟଣା, ୪ା୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ପୃଥକ୍ ସ୍ଥାନରେ ୨ ଦୁର୍ଘଟଣା ଘଟିଛି। ଚେମେଣା ନିକଟରେ ଭୋର ସମୟରେ ଏକ ଅଟୋ ରାଜପଥ କଡ଼ରେ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ଥିବା ୫ ଜଣଙ୍କ ମଧ୍ୟରୁ ୩ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ୨ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତୁରୁମୁଙ୍ଗା ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛି। ଅପରାହ୍ନରେ ଡାବରଚୁଆ ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱ ଧାନ ବିଲ ଭିତରକୁ ପଶିଯାଇଥିଲା। ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏକ ସ୍କୁଟି ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତୁରୁମୁଙ୍ଗା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ବରିଷ୍ଠ ନାଗରିକ ସଂଘ ବାର୍ଷିକୋତ୍ସବ

ବେତନଟୀ,୪ା୧୨(ଧରଣୀଧର ମହାନ୍ତି)

ବେତନଟୀସ୍ଥିତ ଧର୍ମଶାଳା ପରିସରରେ ସୋମବାର ବରିଷ୍ଠ ନାଗରିକ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ବରିଷ୍ଠ ନାଗରିକ ସଂଘର ସଭାପତି ଯୋଗେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହରେକୃଷ୍ଣ ବେହେରା, ବେତନଟୀ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀ, ବେତନଟୀ ବରିଷ୍ଠ ନାଗରିକ ସଂଘର ସଭାପତି ବରିଷ୍ଠ ଆଇନଜୀବୀ ହିମାଂଶୁ ପରିଡା, ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ। ସମ୍ପାଦକ ବାର୍ଷିକ ବିବରଣୀର ପାଠ କରିଥିଲେ। ବରିଷ୍ଠ ନାଗରିକଙ୍କ ଅଧିକାର ବାବଦରେ ସମସ୍ତ ସଭ୍ୟ ଓ ସଭ୍ୟା ମଞ୍ଚରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଯେପରି ରେଳ ଯାତ୍ରା ଟିକଟ ଦରରେ ବରିଷ୍ଠ ନାଗରିକଙ୍କୁ ରିହାତି, ପରିଚୟ ପତ୍ର ନ ମିଳିବା, ବରିଷ୍ଠ ନାଗରିକ ସଂଘ ସଭାଗୃହ, ଏପରି ଅନେକ ଦାବି ଗୁଡ଼ିକୁ ନେଇ ସଂଘ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବା ନେଇ ନିଷ୍ପତ୍ତି ହୋଇଥିଲା। ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗୋଟିଏ ପୋଲ: ୨ ଥର ଶିଳାନ୍ୟାସ

### ଗୋଟିଏ ସ୍ଥାନରେ ବିଧାୟକ, ଅନ୍ୟ ସ୍ଥାନରେ ଗ୍ରାମବାସୀ

ଲଙ୍ଗଳେଶ୍ୱର, ୪ା୧୨(କମଳାକାନ୍ତ ଦାସ)



ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଉଛି।

ଗୋଟିଏ ପୋଲକୁ ଦୁଇଥର ଶିଳାନ୍ୟାସ। ସକାଳେ ବିଧାୟକ ଏବଂ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି ଗୋଟିଏ ଜାଗାରେ ଫଳକ ଶିଳାନ୍ୟାସ କରିଥିବା ବେଳେ ସନ୍ଧ୍ୟାରେ ସେହି ଫଳକକୁ ନେଇ ପଞ୍ଚାୟତର ଅନ୍ୟ ଏକ ସ୍ଥାନରେ ଫିତା କାଟି ଶିଳାନ୍ୟାସ କରିଛନ୍ତି ପଞ୍ଚାୟତବାସୀ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ବାଲିଆପାଳ ବ୍ଲକ ଅଧୀନ ବୋଲଂ ପଞ୍ଚାୟତ ଦେଇଯାଇଥିବା ଓଡ଼ିଶା କୋଷ୍ଟ କେନାଲ ଉପରେ ଏକ ପାଦଚଲା ପୋଲ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି ଅଞ୍ଚଳବାସୀ ଦାବି କରି ଆସୁଥିଲେ। ସେମାନଙ୍କର ଚାଷଜମିକୁ ଯିବା ପାଇଁ କୋଷ୍ଟ କେନାଲ ପ୍ରତିବନ୍ଧକ ସାଜୁଥିବା ବେଳେ ଅଞ୍ଚଳବାସୀ ଯାତାୟାତ ପାଇଁ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ବାଉଁଶ ପୋଲରେ ବିପଦପୂର୍ଣ୍ଣ ଭାବେ ଗ୍ରାମବାସୀ ଦୀର୍ଘବର୍ଷ ଧରି ଯିବାଆସିବା କରୁଥିଲେ। ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଓଡ଼ିଶା କୋଷ୍ଟକେନାଲ ଉପରେ ଜଳସମ୍ପଦ ବିଭାଗ ପକ୍ଷରୁ ୪୩ଲକ୍ଷ ୮୦ହଜାର ୪୬୪ ଟଙ୍କା ବ୍ୟୟ ଅଟକଳରେ ଏକ ପାଦ ଚଲା ପୋଲ ନିର୍ମାଣ ପାଇଁ ସୋମବାର ସକାଳେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ମହେଶ୍ୱର ସିଂଙ୍କ ସମେତ ସରପଞ୍ଚ, ସମିତିସଭ୍ୟଙ୍କ ଉପସ୍ଥିତିରେ ଫିତା କାଟି ଶିଳାନ୍ୟାସ କରିଥିଲେ। ତେବେ ଫଳକରେ ଶିଳାନ୍ୟାସ ତାରିଖ ୧ଥିବା ବେଳେ ୪ ତାରିଖରେ କାହିଁକି ଶିଳାନ୍ୟାସ ହେଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିଳାନ୍ୟାସର କିଛି ସମୟ ପରେ ପୋଲ ନିର୍ମାଣ ପାଇଁ ଟେଣ୍ଡର ନେଇଥିବା ଠିକାଦାର ଜଣକ ଫଳକକୁ ସେଠାରୁ ଓପାଡ଼ି ଗାଡିରେ ନେଇଯାଉଥିବା ବେଳେ କିଛି ଗ୍ରାମବାସୀ ଦେଖି ଠିକାଦାରଙ୍କ ଗାଡ଼ିକୁ ଅଟକାଇବା ସହ ଫଳକ କୁଆଡ଼େ ନେଇ ଯାଉଛ ବୋଲି ପଚାରିବାରୁ ଠିକାଦାର ଜଣକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଯାହାକୁ ନେଇ ଗ୍ରାମବାସୀ ଏବଂ ଠିକାଦାରଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ଗ୍ରାମବାସୀ ଠିକାଦାରଙ୍କ ଗାଡ଼ି ଆଗରେ ଶୋଇ ପଡ଼ିଥିଲେ। ଫଳରେ ଠିକାଦାର ଜଣକ ଶିଳାନ୍ୟାସ ଫଳକଟିକୁ ସେଠାରେ ଛାଡ଼ି ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହାପରେ ଗ୍ରାମବାସୀ ମିଳିତ ହୋଇ ଫଳକକୁ ନେଇ ସେମାନେ ଯେଉଁ ସ୍ଥାନରେ ପୋଲ ନିର୍ମାଣ ପାଇଁ ଦାବି କରୁଥିଲେ, ସେହି ସ୍ଥାନରେ ନେଇ ସନ୍ଧ୍ୟାରେ ଫଳକକୁ ଲଗାଇବା ସହ ପୂଜାର୍ଚ୍ଚନା କରିବା ପରେ ନଡ଼ିଆ ବାଡ଼େଇ ଏବଂ ଫିତା କାଟି ଗ୍ରାମବାସୀଙ୍କ ଉପସ୍ଥିତିରେ ପୁଣି ଥରେ ଶିଳାନ୍ୟାସ କରିଥିଲେ। ତେବେ ଗ୍ରାମବାସୀ ଗୋଟିଏ ସ୍ଥାନରେ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଥିବା ବେଳେ ବିଧାୟକ ଏବଂ ସରପଞ୍ଚ ଅନ୍ୟ ସ୍ଥାନରେ ଅନାବଶ୍ୟକ ଜାଗାରେ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଗୋଟିଏ ଫଳକକୁ ସକାଳେ ବିଧାୟକ ଏବଂ ସନ୍ଧ୍ୟାରେ ଗ୍ରାମବାସୀ ଶିଳାନ୍ୟାସ କରିବା ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମିଳିତ ଜନଶୁଣାଣି: ୮୪ ହଜାର ଆର୍ଥିକ ସହାୟତା



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଭଦ୍ରକ, ୪ା୧୨(ସନାତନ ରାଉତ)

ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ସମୁଦାୟ ୧୧୮ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୯୪ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ସମସ୍ୟାଭିତ୍ତିକ ଥିଲା। ଧାନ କିଣା, ରାଶନ କାର୍ଡ, ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା, ଜମିଜମା ଆଦି ସମସ୍ୟା ସହ ପୋଲିସ, ଶିକ୍ଷା, ସମାଜ ମଙ୍ଗଳ, ସ୍ୱାସ୍ଥ୍ୟ ଆଦି ବିଭାଗୀୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା। ଚିକିତ୍ସା ପାଇଁ ସିଏମ୍‌ଆର୍‌ଏଫ୍‌ରୁ କାଦବରାଙ୍ଗର ରୀନାରାଣୀ ପଣ୍ଡାଙ୍କୁ ୨୫ ହଜାର ଟଙ୍କା, ଧାମନଗରର ପୀତାମ୍ବର ଜେନାଙ୍କୁ ୧୦ ହଜାର, ହାସନପୁରର ରୁକ୍ମିଣୀ ମିଶ୍ରଙ୍କୁ ୧୦ ହଜାର, ଭଦ୍ରକ ଶେରପୁରର ରାମଚନ୍ଦ୍ର ନାୟକଙ୍କୁ ୧୦ ହଜାର, ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ମିର୍ଜାପୁରର ସେକ୍ ଆକବରଙ୍କୁ ୪ ହଜାର, ଅର୍ଜୁନପୁରର କବିତା ପାଢ଼ୀଙ୍କୁ ୧୦ ହଜାର, ପିରିପୁରର ହେମଲତା ସାହୁଙ୍କୁ ୧୦ ହଜାର ଏବଂ ଧାମନଗରର ସୁକେଶ ନାୟକଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ତନ୍ମୟ କୁମାର ଜେନା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ।

## ଲୁକ୍କାୟିତ ପ୍ରତିଭାର ଉନ୍ମେଷ କରିବାକୁ ଆହ୍ୱାନ




ବାସୁଦେବପୁର ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦ୍‌ବୋଧନ ଦେଉଛନ୍ତି।

ବାସୁଦେବପୁର/ଧାମନଗର, ୪ା୧୨ (ନାରାୟଣ ପ୍ରସାଦ ବାରିକ/ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ବାସୁଦେବପୁରର ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଭାଗନେଇ ନିଜ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡ. ବସନ୍ତ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷା ଅଳକାନନ୍ଦ ପାଣିଗ୍ରାହୀ କାର୍ଯ୍ୟକ୍ରମର

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ଅଧ୍ୟାପକ ରମାକାନ୍ତ ଦାସ ଓ ଅଧ୍ୟାପିକା ପଙ୍କଜିନୀ ଦାସ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ।

ସେହିପରି ଧାମନଗର ବ୍ଲକ ଅସୁରାଳିସ୍ଥିତ ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ପ୍ରତିଭାର ଉନ୍ମେଷ ଓ ସେମାନଙ୍କ ଶକ୍ତିର ପରିପ୍ରକାଶ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ବାହାଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସରପଞ୍ଚ ମୀନତି ସାହୁ, ସମିତିସଭ୍ୟା ପାର୍ବତୀ ପ୍ରଧାନ ଓ ନୋଡାଲ ଅଧିକାରୀ ଅଧ୍ୟାପିକା ମାନିନୀ ରାୟ ଯୋଗ ଦେଇଥିଲେ। ଅଧ୍ୟାପକ ହୃଷୀକେଶ ରାଉତ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କାମିନୀବାଳା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରାମାନୁଜ ମୁରାରୀ ମୋହନ ପତି ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀମାନଙ୍କୁ ନେଇ ସଙ୍ଗୀତ, ନୃତ୍ୟ, କ୍ରୀଡ଼ା ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଚୋରା ମାଙ୍ଗାନିଜ ବୋଝେଇ ଗାଡ଼ି ଜବତ

ଯୋଡ଼ା,୪ା୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କାରଣ ସାହିଠାରେ ପୋଲିସ ଏକ ଚୋରା ମାଙ୍ଗାନିଜ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ରବିବାର ରାତି ପ୍ରାୟ ୯ଟା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଜେଏଚ୍ ୦୫ଡିଇ ୭୬୮୨)ରେ କାରଣ ସାହି ବିମଳ ଦୀପ କ୍ରଶର ରାସ୍ତା ଦେଇ ଝାଡ଼ଖଣ୍ଡ ଅଭିମୁଖେ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ବେଳେ ଭ୍ୟାନ୍‌ର ଚକ ଫାଟି ଯାଇଥିଲା। ପୋଲିସ ଉକ୍ତ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ସେଠାରେ ପହଞ୍ଚି ଥିଲା। ପୋଲିସକୁ ଦେଖି ଚୋରାଚାଲାଣକାରୀମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଉକ୍ତ ଭ୍ୟାନ୍‌ରେ ଉନ୍ନତ ମାନର ଚୋରା ମାଙ୍ଗାନିଜ ବୋଝେଇ ହୋଇଥିବା ପୋଲିସ ଜାଣିବାକୁ ପାଇ ତାହାକୁ ଜବତ କରିଥିଲା। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୨୦ରେ ଖଣି ନିଲାମ ହେବା ପରେ ଖଣିଜ ସମ୍ପଦର ମୂଲ୍ୟ ବୃଦ୍ଧି ହେଲା। ତେଣେ କିଛି ଖଣି ନିଜ ଶିଳ୍ପ ଅନୁଷ୍ଠାନରେ ବ୍ୟବହାର ପାଇଁ ନିଜସ୍ୱ ଖଣିରୁ କଞ୍ଚା ମାଲ ନେବାରୁ ବଜାରରେ ଘରୋଇ ଶିଳ୍ପ ପାଇଁ କଞ୍ଚାମାଲର ଅଭାବ ରହୁଛି। ଏହି ଅଭାବକୁ ମେଣ୍ଟାଇବାକୁ ଯାଇ ସକ୍ରିୟ ଖଣିଜ ଚୋରମାନେ ଝାଡ଼ଖଣ୍ଡରୁ ଆସି ଏଠାରେ ପରିତ୍ୟକ୍ତ ହୋଇ ପଡ଼ିରହିଥିବା ଖଣିରୁ ଚୋରାରେ ଖଣିଜ ନେଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ଖଣି ବିଭାଗର ସ୍କ୍ୱାଡ୍ ଓ ପୋଲିସ ଯାଞ୍ଚ କରୁଥିଲେ ମଧ୍ୟ ବିଭିନ୍ନ ଜଙ୍ଗଲ ରାସ୍ତା ଦେଇ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି।




## ପର୍ଶୁରାମ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ: ମୟୂରଭଞ୍ଜ ଚାମ୍ପିୟନ



ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ଖଇରା, ୪ା୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଖେଳ ପଡିଆରେ ରବିବାର ପର୍ଶୁରାମ ପାଣିଗ୍ରାହୀ ମେମୋରିଆଲ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମୟୂରଭଞ୍ଜର ପାଇକସାହି ଟିମ୍ ଭୁବନେଶ୍ୱରର ଲିଙ୍ଗରାଜ ଟିମ୍‌କୁ ୨-୦ସେଟରେ ପରାସ୍ତ କରିଛି। ବାବା ଜମ୍ବେଶ୍ୱର ଭଲି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟକୁ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ଓ ସମିତିସଭ୍ୟା ମାଧୁରୀ ହେମ୍ବ୍ରମ ଉଦ୍‌ଘାଟନ କରିଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଟୁର୍ନାମେଣ୍ଟ ମଝିରେ ଯୋଗଦେଇ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଟିମ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ମନୋରଞ୍ଜନ ପଣ୍ଡା ଓ ଭୋଳାନାଥ ଧଳ ରେଫେରୀ ଭାବେ ଯୋଗଦେଇ ପରିଚାଳନା କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ପଞ୍ଚାୟତର ଯୁବ ସଭାପତି ପବିତ୍ରମୋହନ ସାହୁ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

## ସଫଳତା ଆଣିଦେଲେ ଆୟୁଷ

ପାଟଣା,୪ା୧୨(ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱାମପାଟଣାର ଛାତ୍ର ଆୟୁଷ ଦାଶ ବିଦ୍ୟାଳୟ ପାଇଁ ସଫଳତା ଆଣି ଦେଇଛନ୍ତି। ପାଟଣା ବ୍ଲକସ୍ତରୀୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସେ ପ୍ରଥମ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସୂଚନା ଦେଇଛନ୍ତି। ମେଧାବୀ ଛାତ୍ର ଆୟୁଷ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ପରିଚାଳନା ପରିଷଦ କାର୍ଯ୍ୟକର୍ତ୍ତା, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁମା, ଗୁରୁଜୀ, ଓ ସମ୍ପର୍କୀୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆୟୁଷ ବକ୍ତୃତା ଓ ରଚନା ପ୍ରତିଯୋଗିତାରେ ଭାଗନେଇ ବିଭିନ୍ନ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି।

## ୧୬୯ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ବାରିପଦା,୪ା୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦାଠାରେ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସୋମବାର ବାରିପଦା ଉପଖଣ୍ଡ ଅନ୍ତର୍ଗତ ୪ ବ୍ଲକର ମୋଟ ୧୬୯ ଅଭିଯୋଗର ଶୁଣାଣି କରିଛନ୍ତି। ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗଗୁଡ଼ିକ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା। ୧୫୧ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୧୮ ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା। ସେଥିମଧ୍ୟରୁ ୧୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୧୪ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪୫,୦୦୦ ଟଙ୍କା ଏବଂ ରେଡ୍‌କ୍ରସ ପାଣ୍ଠିରୁ ୨୩,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

## ବାହାନଗା,ଗୋପାଳପୁରରେ ବିଶ୍ୱ ଭିନ୍ନକ୍ଷମ ଦିବସ

ବାହାନଗା,୪ା୧୨(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ଓ ଗୋପାଳପୁରରେ ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବାହାନଗା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ ଏବିଇଓ ରୋହିଆ ଟୁଡୁ। ମୁଖ୍ୟଅତିଥି ଭାବେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ରବୀନ୍ଦ୍ର ପଣ୍ଡା, ବାହାନଗା ଏବିଇଓ ମାଣିକ ମିଶ୍ର, ରାହାସ ବିହାରୀ ନାୟକ, ମୁକ୍ତିକାନ୍ତ ମିଶ୍ର, ବାହାନଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ସିଆରସିସି ରାଜେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କୃତ୍ତିବାସ ଚନ୍ଦ୍ର ବେଜ। ପ୍ରତାପ ପରିଡା, ବିଳାସିନୀ ମହାରଣା ପରିଚାଳନାରେ ସହଯୋଗ କରିଥିଲେ। କୃତି ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗୋପାଳପୁରଠାରେ ଶ୍ରୀ ଜଗନ୍ନାଥ ଦିବ୍ୟାଙ୍ଗ ସେବା ସଂସ୍ଥା ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ମହିଳା ପୁରୁଷମାନଙ୍କୁ ବ୍ଲକ ପକ୍ଷରୁ ଟ୍ରାଇ ସାଇକେଲ ଓ ହୁଇଲଚେୟାର ବଣ୍ଟନ କରାଯାଇଥିଲା। ସେହିପରି ଜଣେ ସାମାଜିକ କର୍ମୀ ଦିବ୍ୟାଙ୍ଗମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ସମ୍ମାନନୀୟ ଅତିଥି ଭାବେ ବିଡିଓ ରବୀନ୍ଦ୍ର ସେଠୀ, ଯୋଗେଶ ଚନ୍ଦ୍ର ପତି, ସବିତା ଅଗସ୍ତି, ପ୍ରଭାକର ମିଶ୍ର, ସୁମନ୍ତ ନାୟକ, ଲୋକେଶ ଦାସ, ପୂର୍ବତନ ବାଲେଶ୍ୱର ଜିଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ବିଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର

ବୈଶିଙ୍ଗା,୪ା୧୨(ରତନ ଦାଶ)




ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ପୁରୁଣିଆ ପଞ୍ଚାୟତର ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ସୋମବାର ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ସ୍ଥାନୀୟ ସରପଞ୍ଚ ସୁନ୍ଦର ମୋହନ ସିଂ ସେମାନଙ୍କ ସହ ଆନ୍ଦୋଳନରେ ଯୋଗ ଦେଇଥିଲେ। ଏନେଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୩୫ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ମାତ୍ର ୪ଜଣ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷାଦାନ ଚାଲିଛି।

ଦୁଇ ମାସ ତଳେ ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେବେଠାରୁ ଅଞ୍ଚଳରେ ଅଭିଭାବକ ମହଲରେ ଅସନ୍ତୋଷ ଲାଗି ରହୁଥିଲା। ଶିକ୍ଷକ ନିଯୁକ୍ତି ନିମନ୍ତେ ବାରମ୍ବାର ଦାବି ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିନାହିଁ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ମଧ୍ୟ ଆନ୍ଦୋଳନ ନେଇ ଚେତାବନୀ ଦିଆଯାଇଥିଲା। ଅପରାହ୍ନରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ ଓ ସିଆରସିସି ଶୈଳେନ୍ଦ୍ର ପଣ୍ଡା ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ତେବେ ଏ ବାବଦରେ ମତାମତ ନେବାପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

### ଶିକ୍ଷକ ଅଭାବ

ଅନ୍ୟପକ୍ଷରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ୩୫:୧ ଅନୁପାତରେ ଶିକ୍ଷକ ନିଯୁକ୍ତି ନିୟମ ମୁତାବକ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୩୫ ପିଲାଙ୍କ ପାଇଁ ୪ଜଣ ଶିକ୍ଷକ ନିଯୁକ୍ତ କରାଯାଇଛି। ମାତ୍ର ଗ୍ରାମବାସୀଙ୍କ ଦାବି ପିଲାଙ୍କ ଅନୁପାତରେ ଶିକ୍ଷକ ନିଯୁକ୍ତି କରାଗଲେ ୮ଟି ଶ୍ରେଣୀରେ ୪ଜଣ ଶିକ୍ଷକ ପଢ଼ାଇବା ସମ୍ଭବ ହେଉନାହିଁ। ତେଣୁ ଶ୍ରେଣୀ ଅନୁପାତରେ ଶିକ୍ଷକ ନିଯୁକ୍ତି କରାଗଲେ ୮ଟି ଶ୍ରେଣୀକୁ ୮ ଜଣ ଶିକ୍ଷକ ଆବଶ୍ୟକ ବୋଲି କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଅବହେଳିତ ଜିଲାର ବିକାଶ ନେଇ ରାଷ୍ଟ୍ରପତିଙ୍କୁ ଟୁଇଟ୍

ବାରିପଦା,୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗଡ଼ଜାତ ରାଜ୍ୟ ମୟୂରଭଞ୍ଜ ଜିଲା ପ୍ରତ୍ୟେକ କ୍ଷେତ୍ରରେ କ୍ରମାଗତ ଭାବେ ଅବହେଳିତ ରହିଛି। ଅନ୍ୟ ଜିଲା ତୁଳନାରେ ବହୁ ପଛରେ ପଡ଼ିରହିଛି ମୟୂରଭଞ୍ଜ। ଜିଲାର ବିକାଶ ଦିଗରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ଏକ୍ସ'ରେ ଟୁଇଟ୍ କରିଛନ୍ତି। ଓଡ଼ିଶା ସହ ମୟୂରଭଞ୍ଜର ମିଶ୍ରଣ ଚୁକ୍ତିକୁ ସାର୍ବଜନୀନ କରି ଜିଲାବାସୀଙ୍କୁ ପ୍ରକୃତ ଅଧିକାର ଦେବାକୁ ସେ ନିବେଦନ କରିଛନ୍ତି। ଆଗାମୀ ଦିନରେ ମୟୂରଭଞ୍ଜବାସୀଙ୍କୁ ପ୍ରକୃତ ଅଧିକାର ପ୍ରଦାନ କରା ନ ଗଲେ ମିଶ୍ରଣ ଚୁକ୍ତିକୁ ସାର୍ବଜନୀନ କରିବା ପାଇଁ ଆଇନର ଆଶ୍ରୟ ନେବାକୁ ଭଞ୍ଜସେନା ବାଧ୍ୟ ହେବ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି।

### ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଚାନ୍ଦବାଲି, ୪।୧୨( କିଷାନ ପାତ୍ର )

ଭଦ୍ରକ ଜିଲା ଚାନ୍ଦବାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ସମାରୋହ ସ୍ଥାନୀୟ ଦୁର୍ଗାପଡ଼ିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ଥାନାର ଭାରପ୍ରାପ୍ତ ଅଧିକାରୀ ପଞ୍ଚାନନ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଟବ୍ୟାଙ୍କର ଚାନ୍ଦବାଲି ଶାଖା ପରିଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ବିଷୟରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ନାୟକ ସଭାପତିତ୍ୱ କରିଥିବା ବେଳେ ପରିଚାଳନା ସମିତିର ସଭାପତି ସବ୍ୟସାଚୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ମୋଟ ୬ଟି ବର୍ଗରେ ୪୮ ଶିଶୁ ଭାଗ ନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, କ୍ରୀଡ଼ା ପ୍ରମୁଖ ରମାକାନ୍ତ ସାହୁ ପରିଚାଳନା କରିଥିଲେ।

### ଟୋଲ୍ ପ୍ଲାଜାରେ ସମସ୍ୟା, ଜାମ୍ ହେଲା ରାସ୍ତା

କେନ୍ଦୁଝର,୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଲାଇଫ ଲାଇନ କୁହାଯାଉଥିବା ଏନ୍‌ଏଚ୍ ନଂ.୨୦ରେ ବେଆଇନ ପାର୍କିଂ ଉପରେ ଧରପଗଡ଼ ଚାଲିଛି। ଫଳରେ ରାସ୍ତା ଫାଙ୍କା ହେଉଥିବା ବେଳେ ସୋମବାର ଟୋଲ ପ୍ଲାଜାରେ ସମସ୍ୟା କାରଣରୁ ଶତାଧିକ ଟ୍ରକ୍ ରାସ୍ତାରେ ଛିଡ଼ା ହୋଇ ରାସ୍ତା ଜାମ ହେବା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ବିଶେଷ କରି ସଦର ଥାନା ରାଇସୁଆଁରୁ ବୋନାଯୋଡ଼ି ରାସ୍ତାରେ ଏହି ସମସ୍ୟା ଦେଖାଦେଇଥିଲା। ଫଳରେ କେନ୍ଦୁଝର ପଟୁ ରିମୁଳି ରାସ୍ତାରେ ଯାତ୍ରୀବାହୀ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ କହିଛନ୍ତି ଯେ, ସେ ଏନେଇ ଏନ୍‌ଏଚ୍‌ଏଆଇକୁ ସୂଚନା ଦେଇଛନ୍ତି। ତେବେ ଗାଡ଼ିଗୁଡ଼ିକରେ ଲାଗିଥିବା ଫାଷ୍ଟଟ୍ୟାଗକୁ ଟୋଲ ଗେଟରେ ଲାଗିଥିବା କ୍ୟାମେରା ପଢିବାରେ ଯାନ୍ତ୍ରିକ ତ୍ରୁଟି ଜନିତ ସମସ୍ୟା ସୃଷ୍ଟି ହୋଇଥିବାରୁ ଏଭଳି ରାସ୍ତା ଜାମ ରହୁଛି ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ସେ କହିଛନ୍ତି।

### ଦନ୍ତା ଆକ୍ରମଣରେ ମହିଳା ଗୁରୁତର

ପାଟଣା,୪।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ସୋମବାର ସନ୍ଧ୍ୟାରେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ମହିଳା ଜଣକ ହେଲେ ଉକ୍ତ ଗାଁର ଗୁରୁଚରଣ ମହାରଣାଙ୍କ ସ୍ତ୍ରୀ ତୁଳସୀ। ସେ ଜଙ୍ଗଲ ରାସ୍ତା ଦେଇ ତୁମୁରିଆ ସାପ୍ତାହିକ ହାଟରୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ।

### ବାଇକ୍‌ରୁ ପଡ଼ି ଯୁବକ ମୃତ

ରାଇରଙ୍ଗପୁର,୪।୧୨( ମାନସ ମହାନ୍ତି )

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଖଡମବେଡ଼ା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥରେ ସୋମବାର ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯଶିପୁର ଥାନା ଅଞ୍ଚଳର ଜ୍ଞାନବିଷ୍ଣୁ ଦାସ। ଉକ୍ତ ବାଇକ୍‌ରେ ବସିଥିବା ଯୁବକ ସୁନୀଲ ମାଝୀ ମଧ୍ୟ ଗୁରୁତର ହୋଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ଡ୍ୟାମ୍ ନିର୍ମାଣ ନ ହେଲେ ଭୋଟ୍ ବର୍ଜନ

କେନ୍ଦୁଝର, ୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ହୁଣ୍ଡା, ଜୁଙ୍ଗା ଓ ତେନ୍ତାଳାପୋଶି ପଞ୍ଚାୟତର ଗ୍ରାମବାସୀ ଖେଡିଆଡିହା ନାଳରେ ନିର୍ମାଣ ହେବାକୁ ଥିବା ବଡ଼କାଣିଝର ଡ୍ୟାମ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ପାଇଁ ସୋମବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁଣ୍ଟାବନ୍ଧ, ଗୋପୀନାଥପୁର, ମିଶ୍ରମାଳ, ହାତୀନଟା, ଦଧିବାମନପୁର, ଧନୁର୍ଜୟପୁର, ବଡକମୁଣ୍ଡରା, ସାନକମୁଣ୍ଡରା, ବ୍ରାହ୍ମଣପଙ୍ଗା, ଝୁମକାପୋଶି, ଡୁମୁରିଡିହା, କାଳିମାଟି ଗ୍ରାମର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅଞ୍ଚଳର ୯୯ ପ୍ରତିଶତ ଲୋକ ଚାଷ ପାଇଁ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ନିକଟରେ ବହିଯାଇଥିବା ଖେଳିଆଡିହା ନାଳରେ ବନ୍ଧ ନିର୍ମାଣ ହେଲେ ଉକ୍ତ ଅଞ୍ଚଳବାସୀ ଉପକୃତ ହୋଇପାରିବେ। ୧୯୯୭ ମସିହାରେ ୧.୬ କୋଟି ଟଙ୍କା ବିନିମୟରେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ପାଇଁ ଧାର୍ଯ୍ୟ ହୋଇଥିଲା। ଅଦ୍ୟାବଧି ଡ୍ୟାମ୍ ନିର୍ମାଣ ହୋଇପାରି ନାହିଁ। ତତ୍କାଳୀନ ୫-ଟି ସଚିବ ଗୋନାସିକା ଆସିଥିବା ବେଳେ ଲୋକେ ଏନେଇ ଲିଖିତ ଭାବେ ଜଣାଇଥିଲେ। ଏଣୁ ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ତେବେ ଚିଠି ନଂ. ୩୯/୩୬୦୫/୮୦/୧୯୯୭ ମସିହାରେ ୧.୬ କୋଟି ବ୍ୟୟରେ ଡ୍ୟାମ୍ କରିବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍‌ଆଇ ମୁଖ୍ୟଯନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକଳ୍ପ ହେଲେ ଉକ୍ତ ଅଞ୍ଚଳର ୬୦୭ ହେକ୍ଟର ଜମିରେ ପାଣି ମାଡ଼ିବ। ଏହି ପ୍ରକଳ୍ପ ପାଇଁ ୧୯୯୮ ନିର୍ବାଚନରେ ଭୋଟ୍ ବର୍ଜନ କରିଥିଲେ। ତତ୍କାଳୀନ ଜିଲାପାଳଙ୍କ ପ୍ରତିଶ୍ରୁତି ମିଳିବାରୁ ପରବର୍ତ୍ତୀ ନିର୍ବାଚନରେ ଲୋକେ ଭୋଟ୍ ଦେଇଥିଲେ। ଏହାମଧ୍ୟରେ ୨୫ବର୍ଷ ବିତିଥିବା ବେଳେ ଡ୍ୟାମ୍ ନିର୍ମାଣ ହେଉ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବଦଳିଲେ କନିଷ୍ଠ ଯନ୍ତ୍ରୀ

ମୋରଡ଼ା,୪।୧୨(ସ୍ମାରକ ମାଜୀ)

ଧରିତ୍ରୀ ପ୍ରଭାବ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସଙ୍କ ବାରିପଦା ବ୍ଲକକୁ ବଦଳି ହୋଇଛି। ଜିଲାପାଳଙ୍କ ଚିଠି ସଂଖ୍ୟା ୧୨୯୮୪/୨।୪।୨୩ରୁ ଏହି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, କନିଷ୍ଠ ଯନ୍ତ୍ରୀ ଦାସ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାର ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଫଳକ ବାବଦରେ ୧୦,୬୦୦ ଟଙ୍କା ଲେଖାଏ ଠିକାଦାରଙ୍କଠାରୁ ଆଦାୟ କରିଥିବା ନେଇ ନଭେମ୍ବର ୪ ତାରିଖରେ ଲୋକପ୍ରତିନିଧି ଓ ଠିକାଦାରମାନେ ମୋରଡ଼ା ବିଡିଓ ଜୟକୃଷ୍ଣ ପାତ୍ରଙ୍କଠାରେ ଅଭିଯୋଗ କରିଥିଲେ। ୭ ଦିନ ମଧ୍ୟରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୨ ସପ୍ତାହରୁ ଅଧିକ ସମୟ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ଏ ସମ୍ପର୍କରେ ନଭେମ୍ବର ୨୯ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ତେବେ ଏହି ବଦଳି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଅଞ୍ଚଳବାସୀ। ସମ୍ପୃକ୍ତ ଯନ୍ତ୍ରୀଙ୍କ ବଦଳି ପଛରେ ଜଣେ ଜନପ୍ରତିନିଧିଙ୍କ ହାତ ଅଛି ବୋଲି ଆଲୋଚନା ହେଉଛି। କେବଳ ବଦଳି ନୁହେଁ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

## 'ଭାବଭକ୍ତି' ପୁସ୍ତକ ଲୋକାର୍ପିତ



କବୟିତ୍ରୀ ଦମୟନ୍ତୀ ରାଉତଙ୍କ ପୁସ୍ତକ 'ଭାବଭକ୍ତି'ର ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୪।୧୨
(ରବିନାରାୟଣ ଖିଲାର/ସନାତନ ରାଉତ)

ଭଦ୍ରକ ସଂସ୍କୃତି ଭବନରେ ଚନ୍ଦ୍ରଶେଖର ରାଉତ ଟ୍ରଷ୍ଟ ଓ ମାତୃଭାଷା ପରିଷଦ ମିଳିତ ଆନୁକୂଲ୍ୟରେ କବୟିତ୍ରୀ ଦମୟନ୍ତୀ ରାଉତଙ୍କ ଲିଖିତ ପୁସ୍ତକ 'ଭାବଭକ୍ତି'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲିକ ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ବିଶିଷ୍ଟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ଦୈତାରୀ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଆଧାପକ ନିହାର ରଞ୍ଜନ କର, ଖବରଦାତା ରବିନାରାୟଣ ଖିଲାର, ଶିଶୁମନ୍ଦିର ପ୍ରଧାନଶିକ୍ଷକ ଭାଗବତ ମହାଳିକ, ଡା. ଅନିଲ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। କବି ଶଶିକାନ୍ତ ବେହେରା ପୁସ୍ତକଟିକୁ ସମୀକ୍ଷା କରିଥିବା ବେଳେ କବୟିତ୍ରୀ ମମତାରାଣୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କବି ରତିକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ଅବନୀ ପ୍ରଧାନ, ପ୍ରଭାତ ଜେନା, କବି ବିପ୍ଳବ ହୋତା, ଯଶବନ୍ତ ରାଉତ ଓ ସୁଭଦ୍ରା ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଯୁବ ବିକାଶ କାର୍ଯ୍ୟକ୍ରମରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର



ଭୋଗରାଇ ଆରଆଇଏଚଏସ ମହାବିଦ୍ୟାଳୟରେ ଯୁବବିକାଶ କାର୍ଯ୍ୟକ୍ରମରେ ଅତିଥିଗଣ।

ଭୋଗରାଇ, ୪।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇର ଆରଆଇଏଚଏସ ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୫ ହଜାର ଛାତ୍ରୀଛାତ୍ର କ୍ରୀଡ଼ା ନୈପୁଣ୍ୟତା, ବୌଦ୍ଧିକ ବିକାଶ ଲାଗି ସୃଜନଶୀଳତା, ଚିତ୍ତାକର୍ଷକ ପରେଡ ପ୍ରତିଯୋଗିତା, ଅପସଂସ୍କୃତି ବିରୋଧରେ ସଂସ୍କୃତିର ବାର୍ତ୍ତା, ପଥପ୍ରାନ୍ତ ନାଟକ, ସଡକ ସୁରକ୍ଷା, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ଆଧୁନିକ ବାଦ୍ୟଯନ୍ତ୍ର ପରିବେଷଣ, ଏକକ ଅଭିନୟ, ବିଭିନ୍ନ ରୋଷେଇ ସୁସ୍ୱାଦ ଖାଦ୍ୟ ବଜାର ପ୍ରଦର୍ଶନୀ ଆଦି ଏଥିରେ ସାମିଲ ହୋଇ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିଛନ୍ତି। କାର୍ଯ୍ୟକ୍ରମ ଉଦଯାପନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ସଂଯମ, ଶୃଙ୍ଖଳା, କ୍ରୀଡ଼ା ଓ ବୌଦ୍ଧିକ ବିକାଶରେ ଶ୍ରେଷ୍ଠ ନିଦର୍ଶନ ବୋଲି ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ କେଦାର ସିଂ ଦାସଙ୍କ ପୌରୋହିତ୍ୟରେ ପରିଚାଳିତ ଉତ୍ସବରେ ବେଦପାଠ କରିଥିଲେ ଅଧ୍ୟାପକ ଦେବାଶିଷ ପଣ୍ଡା। ନୋଡାଲ ଅଫିସର ଡ. ଧୀରେନ୍ଦ୍ର କୁମାର ଜେନା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରିଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ସମ୍ମାନନୀୟ ଅତିଥି ଭାବେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଦୀନକୃଷ୍ଣ ଗିରି, ପୂର୍ଣ୍ଣଚନ୍ଦ୍ର ବେହେରା, ସୁରତ କୁମାର ଚାନ୍ଦ, ପ୍ରଦୀପ କୁମାର ଜେନା, ଅଧ୍ୟାପକ ବ୍ରଜବିହାରୀ ପତି, ଅଧ୍ୟାପିକ ତ୍ରିବେଣୀ ଧାରା, ନୟନ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିବାବେଳେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଅଧ୍ୟାପକ ଦିଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର, ୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦରମହକୁମା ଦରବାର ହଲ୍‌ଠାରେ ଜିଲାପାଳ ଆଶିଷ ଠାକ୍‌ରେ ଏବଂ ଏସ୍‌ପି ନୀତିନ କୁଶଲକରଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୭୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୨ଟିର ତୁରନ୍ତ ଫଇସଲା କରାଯାଇଛି। ସମୁଦାୟ ଅଭିଯୋଗ ମଧ୍ୟରୁ ୨୬ଟି ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୪୭ଟି ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୮ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ୭ଜଣ ହିତାଧିକାରୀଙ୍କୁ ମୋଟରାଇଜ୍ ହୁଇଲ ଚେୟାର ଏବଂ ଜଣଙ୍କୁ ୱାକର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଡିଏଫ୍‌ଓ ଧନରାଜ ଏଚ୍.ଡି., ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପିଏ ଆଇଟିଡିଏ ତପନ କୁମାର ନାଏକ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା, ଡେପୁଟି କଲେକ୍ଟର କିରଣ କୁମାର ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ବିଡିଓ ତିଳୋତ୍ତମା ପୃଷ୍ଟି, ତହସିଲଦାର ଇଶାନୀ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଗୋକୁଳାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀରେ ଚକ୍ଷୁ ଚିକିତ୍ସା ଶିବିର





ଶିବିରରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୪।୧୨(ସନାତନ ରାଉତ)

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଏମ୍‌ପି ଓ ବିଧାୟକ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ୪୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବିବାର ଗୋକୁଳାନନ୍ଦ ମହାନ୍ତି ଜିଲା ସ୍ମୃତି କମିଟି ଓ ଭଦ୍ରକ ମୁସ୍‌ଲିମ ଜମାତର ମିଳିତ ଆନୁକୂଲ୍ୟରେ ଭଦ୍ରକ ପୁରୁଣାବଜାର ମଦିନା ମଇଦାନଠାରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରାଧାରମଣ ଚକ୍ଷୁ ଚିକିତ୍ସାଳୟର ଏକ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ୩ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା ସହ ଔଷଧ ପ୍ରଦାନ କରାଯାଇଥିଲା। ସ୍ମୃତି କମିଟି ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ସଞ୍ଚାଳନାରେ ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା, ଭଦ୍ରକ ମୁସ୍‌ଲିମ ଜମାତ ସଭାପତି ହାଜି ମହମ୍ମଦ ଅବଦୁଲ ବାରି, ସାମାଜିକ କର୍ମୀ ହାଜି ମହମ୍ମଦ ଫାରୁକ, ହାଜି ମହମ୍ମଦ ଅବଦୁଲ ମୁକିତ ଖାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ସ୍ୱର୍ଗତ ମହାନ୍ତିଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ନାତି ଜ୍ୟୋତି ପ୍ରକାଶ ମହାନ୍ତି ଶିବିର ଆୟୋଜନ କରିଥିବା ବେଳେ ଜିଲା ସ୍ମୃତି କମିଟି ସମ୍ପାଦକ ଆଇନଜୀବୀ ବିଷ୍ଣୁ ମୋହନ ମହାପାତ୍ର ମଞ୍ଚ ଆମନ୍ତ୍ରଣ କରିଥିଲେ। ସୁଧାକର ରାଉତ, ହାଜି ଅବଦୁଲ କାସିମ ଖାଁ, ମୁସ୍‌ଲିମ ଜମାତର ସମ୍ପାଦକ ସେକ୍ ଏନାମ, ହରି ନନ୍ଦୀ, ପୂର୍ବତନ କାଉନସିଲର ଅଶରଫ୍ ଖାନ ପ୍ରମୁଖ ପରିଚାଳନା କରିଥିଲେ।

## 'ଲିଙ୍ଗଗତ ବୈଷମ୍ୟତାର ଶିକାର ହେଉଛନ୍ତି ମହିଳା, ଶିଶୁକନ୍ୟା'

ଭଦ୍ରକ, ୪।୧୨(ସନାତନ ରାଉତ)

ମହିଳା ଓ ଶିଶୁକନ୍ୟାମାନଙ୍କ ପାଇଁ ଆଇନରେ ପର୍ଯ୍ୟାପ୍ତ ପରିମାଣରେ ବ୍ୟବସ୍ଥା ରହି ମଧ୍ୟ ସେମାନେ ଲିଙ୍ଗଗତ ବୈଷମ୍ୟତାର ଶିକାର ହେଉଛନ୍ତି। ରାଜ୍ୟ ମହିଳା ଶିଶୁ ବିକାଶ ମନ୍ତ୍ରଣାଳୟ, ଭଦ୍ରକ ଜିଲା ପ୍ରଶାସନ ଓ ସୋସାଇଟି ଫର୍ ଉଇକର କମ୍ୟୁନିଟି ମିଳିତ ଆନୁକୂଲ୍ୟରେ ପୁରୁଣାବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ବ୍ୟକ୍ତ କରିଛନ୍ତି। ଏକ ସଚେତନତା ଶିବିର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୨୫ରୁ ୧୬ ଦିନ ଧରି ଚାଲିଥିବା ମହିଳା ହିଂସା ବିରୋଧୀ ସଚେତନତା ଅଭିଯାନର ନବମ ଦିନ 'ଲିଙ୍ଗଗତ ବୈଷମତା, ମହିଳା ଓ ଶିଶୁକନ୍ୟାମାନଙ୍କ ଉପରେ ପଡୁଥିବା ଏହାର ମାନସିକ ଚାପ' ଆଲୋଚ୍ୟ ବିଷୟ ଥିଲା। ଅତିଥି ଭାବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ମାନସିକ ଚିକିତ୍ସକ ଡା. କରୁଣାକର ରାଉତ, ଜିଲା ଖାଉଟି ଅଦାଲତର ଅଧ୍ୟକ୍ଷ ଶିବପ୍ରସାଦ ମହାନ୍ତି, ଅଧିବକ୍ତା ଗଦାଧର ବଳ ଓ ଆସିଆନାର ସମ୍ପାଦିକା ସୋଫିଆ ଶେଖ୍ ଯୋଗ ଦେଇଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ମୌସୁମୀ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସିଆନାର ସଂଯୋଜକ ରିୟାଜ ଅହମ୍ମଦ ଅତିଥି ପରିଚୟ ପ୍ରଦାନ ଓ ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସମିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ସମ୍ବର୍ଦ୍ଧନା, ବନ୍ଧୁମିଳନ



ସମ୍ବର୍ଦ୍ଧନା ଓ ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଅତିଥି।

କେନ୍ଦୁଝର, ୪।୧୨ (ଦୀପକ ମିଶ୍ର)

କେନ୍ଦୁଝର ଜିଲାର ପୋଲିସ ଲାଇନ ୟୁପି ସ୍କୁଲରେ ୧୯୮୪-୮୯ ବ୍ୟାଚ୍ ପକ୍ଷରୁ ଗୁରୁ ସମ୍ବର୍ଦ୍ଧନା ଓ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଏନ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ନାଏକ ଓ ସମ୍ମାନିତ ଅତିଥି ଭାବେ ପୋଲିସ ଲାଇନ ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ମୋଦି ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର ପୂର୍ବ ଶିକ୍ଷୟିତ୍ରୀ ଶିକ୍ଷକ କୀର୍ତ୍ତନ ବିହାରୀ ପାତ୍ର, ବିଦ୍ୟୁତ ମୁଖାର୍ଜୀ, ସାରମଣି ଦେଇ, ବାସନ୍ତୀ ନାୟକ, ବିଶ୍ୱନାଥ ନାଥ, ସୁକେଶିନୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରମାନେ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରକାଶ ପାଢ଼ୀ (ଡାଡି ମିକ୍ସ) ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା।

# ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ ଜମାକାରୀ

ବାହାନଗା, ୪।୧୨(ଅରୂପ୍ କୁମାର ଦାସ)

### ପଣପଣା ସମିତିରେ ୪. ୫୬ କୋଟି ଟଙ୍କା ଦୁର୍ନୀତି ଅଭିଯୋଗ

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ଦୀର୍ଘ ୮ବର୍ଷ ଧରି ବିବାଦରେ ଛନ୍ଦି ହୋଇରହିଛି। ଏହାର ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଗତ ଶୁକ୍ରବାର ସନ୍ଧ୍ୟାରେ ଜମାକାରୀମାନେ ପଣପଣା ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସୋମବାର ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟାଳୟ ବନ୍ଦ ରହିଛି।

ଏହି ସମିତିରେ ୪କୋଟି ୫୬ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଓ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ପରେ ତଦନ୍ତ ହୋଇ ରିପୋର୍ଟ କମିଶନରଙ୍କୁ ଦେଇସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମାକାରୀମାନେ ଟଙ୍କା ପାଇ ପାରୁନାହାନ୍ତି। ଫଳରେ ଉତ୍ତ୍ୟକ୍ତ ଜମାକାରୀ ଓ ଚାଷୀମାନେ ଶେଷରେ ସମିତି କର୍ମଚାରୀମାନଙ୍କୁ ବାହାରକୁ ବାହାର କରି ସନ୍ଧ୍ୟାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଦେଇଥିଲେ। ଯେପର୍ଯ୍ୟନ୍ତ ଜମାକାରୀ ଟଙ୍କା ପାଇନାହାନ୍ତି ସେ ପର୍ଯ୍ୟନ୍ତ ସମିତିରେ ତାଲା ଖୋଲିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପଣପଣା ଗ୍ରାମର ଦୟାନିଧି ଦାସ ନାମକ ଜମାକାରୀ ଗତ ୨୦୧୬ରେ ଜମି ବିକ୍ରି କରି ସମିତିରେ ୫ଲକ୍ଷ ଟଙ୍କା ଜମା ରଖିଥିଲେ। ମାତ୍ର ୨୦୧୭ରେ ସେତେବେଳର ସମିତି ସମ୍ପାଦକ ପ୍ରଦୀପ ଦାଶଙ୍କ ସମେତ କର୍ମଚାରୀମାନେ ଜମାକାରୀଙ୍କ ଟଙ୍କା ଓ ଋଣୀ ଚାଷୀମାନଙ୍କ ଟଙ୍କାକୁ ହଡପ କରିନେଇଥିଲେ । ଏହାପରଠାରୁ ଜମାକାରୀ କିମ୍ବା ଚାଷୀମାନଙ୍କୁ କୌଣସି ଟଙ୍କା ଦିଆଯାଇ ନ ଥିଲା । ମାତ୍ର ତଦନ୍ତ ସମୟରେ ୪ହଜାର ୭୫ଜଣ ଜମାକାରୀଙ୍କ ୪ କୋଟି ୫୬ ଲକ୍ଷ ଟଙ୍କା ଓ ଋଣୀ ଚାଷୀମାନଙ୍କ ନାମରେ ଅଧିକ ଋଣ କରି ସେ ଟଙ୍କାକୁ ହଡପ କରାଯାଇଥିବା ସ୍ପଷ୍ଟ ଜଣାପଡିଛି । ସେହି ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିଛି। ହେଲେ ତତ୍କାଳୀନ ସମ୍ପାଦକ ଦାଶଙ୍କ ଆତ୍ମହତ୍ୟା ପରେ ତତ୍କାଳୀନ ଜିଲାପାଳ ଜମାକାରୀଙ୍କ ଧାରଣାସ୍ଥଳକୁ ଆସି ଏକ କର୍ପସଫଣ୍ଡରୁ ଜମାକାରୀଙ୍କ ଜମା ଟଙ୍କା ଫେରସ୍ତ ମିଳିବ ବୋଲି ପ୍ରକାଶ କରିଥିଲେ। ପ୍ରତିଶ୍ରୁତି ଦେବାର ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଜମାକାରୀମାନେ ଏପର୍ଯ୍ୟନ୍ତ ଜମା ଟଙ୍କା ପାଇପାରିନାହାନ୍ତି। ଏହି ପରିପ୍ରେକ୍ଷୀରେ ଦୟାନିଧି ଦାସ ନିଜ ସ୍ତ୍ରୀ ଓ ଝିଅର ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କର ଟଙ୍କା ନିହାତି ଆବଶ୍ୟକ ଅଛି। ସେଥିପାଇଁ ସେ ଦୀର୍ଘଦିନ ବିଭାଗୀୟ ଅଧିକାରୀ, ଡିଆରସିସି ଏବଂ ବାଲେଶ୍ୱର -ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିକଟରେ ଜମା ଟଙ୍କା ଫେରସ୍ତ ପାଇଁ ଲିଖିତ ଭାବେ ଜଣାଇଥିଲେ । ଏଥିରେ ବ୍ୟାଙ୍କ ପଣପଣା ସେବା ସମବାୟ ସମିତି ସମ୍ପାଦକ ତାପସ ଦାଶଙ୍କୁ ଗତ ମାସ ୧୮ ତାରିଖରେ ଚିଠି ନମ୍ବର ୭୪ ଅନୁଯାୟୀ ଜମାକାରୀ ଦୟାନିଧିଙ୍କ ଜମା ଟଙ୍କା ଫେରସ୍ତ କରିବା ପାଇଁ ବୋର୍ଡ ରିଜୋଲ୍ୟୁଶନ ମାଗିଥିଲେ। ହେଲେ ସମିତି ସେହି ବୋର୍ଡ ରିଜୋଲ୍ୟୁଶନ ଦେବାର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଦୟାନିଧି ନିଜର ଜମା ଟଙ୍କା ପାଇପାରିନାହାନ୍ତି। ଫଳରେ ଉକ୍ତ ସନ୍ଧ୍ୟାରେ ଦୟାନିଧିଙ୍କ ସହ ଅନ୍ୟ ୧୦ରୁ ୧୫ଜଣ ଜମାକାରୀ ସମିତିରେ ପହଞ୍ଚି ସମସ୍ତ କର୍ମଚାରୀଙ୍କୁ ବାହାର କରି ତାଲା ପକାଇ ଦେଇଛନ୍ତି । ଯେପର୍ଯ୍ୟନ୍ତ ନିଜର ଜମା ଟଙ୍କା ପାଇନାହାନ୍ତି ସେ ପର୍ଯ୍ୟନ୍ତ ଜମାକାରୀମାନେ ସମିତିକୁ ଖୋଲିବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ଅସହାୟ ପରିବାରକୁ ସହାୟତା ଦାବି

ଜଳେଶ୍ୱର,୪।୧୨(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ବାଣିଦା ଗାଁର ଗହ୍ଲା ସୋରେନ୍ (୩୦)ଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେଲା ଅପପୃଷ୍ଟି ସହ ଯକ୍ଷ୍ମାରୋଗରେ ପୀଡ଼ିତ ଥିଲେ। ଅର୍ଥ ଅଭାବରୁ ସେ ଚିକିତ୍ସା ସହ ସୁଷମ ଖାଦ୍ୟ ପାଇପାରୁ ନ ଥିଲେ। ଗତ ୨ ତାରିଖରେ ସେ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଓ ପରେ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିଧବା ସ୍ତ୍ରୀ, ୬ବର୍ଷର ପୁଅ ଓ ୪ବର୍ଷର ଝିଅ ବେସାହାରା ହୋଇପଡ଼ିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଯୁବଶକ୍ତି ଦେଶର ଭବିଷ୍ୟତ

ସିମୁଳିଆ, ୪।୧୨(ସନ୍ତୋଷ ନାୟକ): ସିମୁଳିଆ ବ୍ଲକ ଅଧୀନ କୁନ୍ତଳା କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଭଗବାନ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଯୁବ ଶକ୍ତି ଦେଶର ଭବିଷ୍ୟତ ବୋଲି କହିବା ସହିତ ନିଶାମୁକ୍ତ ସଚେତନତା, ପ୍ଲାଷ୍ଟିକ ସଚେତନତା ହାତକୁ ନେବା ଉଚିତ୍ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବିମଳ ଚରଣ ଲେଙ୍କା କଲେଜର ଉନ୍ନତି ପାଇଁ ସମସ୍ତେ ସହଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ କ୍ରୀଡ଼ା ସହିତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି। ସଂସ୍କୃତ ଅଧ୍ୟାପିକା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଲିସ ପହଞ୍ଚିବା ପୂର୍ବରୁ ଖସିଗଲେ ଦୁର୍ବୃତ୍ତ

ସୋର, ୪।୧୨(ଜନ୍ମେଜୟ ମିଶ୍ର): ସୋମବାର ସୋର କଲେଜ ଛକ ନିକଟରେ ଏକ କାର୍‌ରୁ ଚକା ଖୋଲି ନେଉଥିବା ୨ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିନେଇଥିଲେ। ମାତ୍ର ପୋଲିସ ପହଞ୍ଚିବା ପୂର୍ବରୁ ସେମାନେ କୌଶଳକ୍ରମେ ଚମ୍ପଟ ମାରିଛନ୍ତି। କଲେଜ ପଛପଟ କଲୋନୀରେ ମିତାରାଣୀ ପ୍ରଧାନଙ୍କ କାର୍‌ରୁ ୨ ଜଣ ଚୋର ଆଗଚକ ଖୋଲିନେଉଥିବା ବେଳେ ସ୍ଥାନୀୟ ଲୋକେ ଦେଖିପାରି ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ସେମାନେ ଖସି ନିକଟସ୍ଥ ଜଙ୍ଗଲିଆ ଜାଗାରେ ଲୁଚିଯାଇଥିଲେ।

# ବିଶ୍ୱବିଦ୍ୟାଳୟ ଜମିରେ ରାସ୍ତା ନିର୍ମାଣକୁ ନେଇ ବିବାଦ

କେନ୍ଦୁଝର,୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଜମି ଉପରେ ରାସ୍ତା ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ପୂର୍ବରୁ ଉକ୍ତ ସ୍ଥାନରେ ରାସ୍ତା ନିର୍ମାଣ କରିବାକୁ ଉଦ୍ୟମ ହୋଇଥିଲା। ପୁରାତନ ଛାତ୍ର ସଂସଦ ପକ୍ଷରୁ ଜିଲାପାଳ ଏବଂ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ପରେ ପୋଲିସ ଉପସ୍ଥିତିରେ ପୌରପାଳିକା ପକ୍ଷରୁ ଭଙ୍ଗା ପାଚେରିକୁ ପୁନଃ ନିର୍ମାଣ କରାଯାଇଥିଲା।

ପ୍ରକାଶ ଯେ, କେନ୍ଦୁଝର ଜିଲାର ବହୁ ପୁରାତନ ଧରଣୀଧର ମହାବିଦ୍ୟାଳୟର ପରିସୀମାକୁ ସୁରକ୍ଷିତ ରଖିବା ପାଇଁ ପାଚେରି ନିର୍ମାଣ ହୋଇଥିଲା। ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିବାରୁ ଏହାର ପରିସୀମାକୁ ସୁଦୃଢ଼ କରି ଜବରଦଖଲ ମୁକ୍ତ କରିବାକୁ ଦାବି ହୋଇଆସୁଛି। ସଦର ତହସିଲ ୱାର୍ଡନଂ. ୧୮ ଅନ୍ତର୍ଗତ ପ୍ଲଟନଂ. ୧୨୬ ଓ ଖାତା ନଂ.୨ରେ ଶିକ୍ଷା ବିଭାଗ ନାମରେ


ବିଶ୍ୱବିଦ୍ୟାଳୟ ଜମିରେ ରାସ୍ତା ନିର୍ମାଣ ପାଇଁ ମାଟି ପକାଯାଇଛି।

ପଡ଼ିଥିବା ଜମିରେ ମାଟି ପକାଇ କେତେକ ସ୍ୱାର୍ଥାନ୍ୱେଷୀ ଲୋକ ରାସ୍ତା ନିର୍ମାଣ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ଉକ୍ତ ସ୍ଥାନରେ ରାସ୍ତା ହେଲେ ସାଧାରଣ ଲୋକଙ୍କ ଯାତାୟତ ବଢ଼ିବ। ଫଳରେ ବିଶ୍ୱବିଦ୍ୟାଳୟ ପରିସରରେ ବିଶୃଙ୍ଖଳା ଦେଖାଦେବ। ଅନ୍ୟପକ୍ଷରେ କେତେକ ଲୋକ ଉକ୍ତ ରାସ୍ତାକୁ ଦେଖାଇ ଉଚ୍ଚ ଦାମ୍‌ରେ ଜମି ବିକ୍ରୀ କରିବାକୁ ଯୋଜନା କରୁଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଗୋଚରରେ ମାଟି ପକାଇ ରାସ୍ତା ନିର୍ମାଣ ହେଉଥିବାରୁ ପୂର୍ବତନ ଛାତ୍ରମାନେ ଘୋର ଅସନ୍ତୋଷ ବ୍ୟକ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏ ନେଇ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ନରେନ୍ଦ୍ର କୁମାର ସାହୁ କହିଛନ୍ତି ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇ ବିଶ୍ୱବିଦ୍ୟାଳୟ ଜମିର ସୁରକ୍ଷା କରାଯିବ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଖଇରା, ୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପ୍ରାକ୍ତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ମଧ୍ୟରେ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସରକାରଙ୍କ ଏହା ବଳିଷ୍ଠ ପଦକ୍ଷେପ । ପ୍ରତ୍ୟେକ ପିଲା ଏଥିରେ ଅଂଶଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ । ଅଧ୍ୟକ୍ଷ ଶ୍ରୀଧର ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିବା ବେଳେ ଅଧ୍ୟାପକ ଆଲୋକ କୁମାର ପଣ୍ଡା ଓ ନିରଞ୍ଜନ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଗଣେଶ ପଣ୍ଡା ବେଦପାଠ ଓ ଅଧ୍ୟାପକ ଉମାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ଲତାଞ୍ଜଳୀ ଦାସ, ଅଧ୍ୟାପକ ପ୍ରଶାନ୍ତ ତ୍ରିପାଠୀ, ରବୀନ୍ଦ୍ର ପତ୍ରୀ ତଥା କର୍ମଚାରୀ ଦୁଷ୍ମନ୍ତ ଲେଙ୍କା ଓ ମଣିଭଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ଉଦଘାଟନୀ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

# ୩୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ


ପ୍ରଦର୍ଶନୀରେ ପ୍ରତିଯୋଗୀମାନେ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

ଭଦ୍ରକ,୪।୧୨(ସନାତନ ରାଉତ)

ଅତୀତର ଅନୁଭବ ଓ ଅନୁଭୂତିରୁ ସାଉଣ୍ଟିଥିବା ଜ୍ଞାନ ବିତରଣ କରିବାର ମାଧ୍ୟମ ହେଉଛି ପ୍ରଦର୍ଶନୀ। ଆହରଣ ହୋଇଥିବା ଜ୍ଞାନକୁ ପାଥେୟ କରି ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ପ୍ରଦର୍ଶନୀ କନ୍‌ଫ୍ଲୁଏନ୍ସ -୨୦୨୩ ଗେଲପୁରସ୍ଥିତ ସ୍କୁଲ ପରିସରରେ ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରାକ୍ ପ୍ରାଥମିକଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣିତ, ବିଜ୍ଞାନ, ହିନ୍ଦୀ, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା, ଆର୍ଟ ଆଣ୍ଡ୍ କ୍ରାଫ୍ଟ ଆଦି ସମସ୍ତ ବିଷୟରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

### ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ପ୍ରଦର୍ଶନୀ

ସ୍କୁଲ ଅଧ୍ୟକ୍ଷ ଯୁଧିଷ୍ଠିର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା ସମିତିର ଅଧ୍ୟକ୍ଷ ଦେବାଶିଷ ଦୀକ୍ଷିତ, ଆଶାବରୀ କର, ମାର୍ଗଦର୍ଶକ ବିଦ୍ୟାଳୟର ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ, ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଶୈଳେନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ରସାୟନ ବିଜ୍ଞାନ ପ୍ରଫେସର ଡ. ରମେଶ ଚନ୍ଦ୍ର ନାୟକ, ବେଦାନ୍ତ କମ୍ପାନୀର ମ୍ୟାନେଜର ସଞ୍ଜୟ ପାଲ, ଶିକ୍ଷାବିତ୍ ବିପିନ ବିହାରୀ କର ଓ ଭୁବନେଶ୍ୱର ଶ୍ରୀଗୁରୁକୁଳର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର କର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ରୀଡ଼ା, ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆମେରିକାରେ ଅବସ୍ଥାନ କରୁଥିବା ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ବନ୍ଦିତା ଦୀକ୍ଷିତ ଓ ବିଦ୍ୟାଧର ଅଗସ୍ତି ଭିଡିଓ କନ୍‌ଫରେନ୍ସରେ ପ୍ରଦର୍ଶନୀର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଚାରକ ଓ ଅତିଥିମାନେ ଷ୍ଟଲ ବୁଲି ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ଓ ଉପସ୍ଥାପନା ଶୈଳୀ ସମସ୍ତଙ୍କୁ ଅଭିଭୂତ କରିଥିଲା। ସମସ୍ତ ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଅଭିଭାବକଙ୍କ ସହଯୋଗରେ ଏହି ସମାରୋହର ସଫଳତା ନେଇ ଅଧ୍ୟକ୍ଷ ଦୀକ୍ଷିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ନନ୍ଦିପୁର ପ୍ରିମିୟର ଲିଗ୍: ପ୍ରଥମ ମ୍ୟାଚ୍‌ରେ ବାସୁଦେବପୁର କ୍ରିକେଟ ଟିମ୍ ବିଜୟୀ

ଧାମନଗର, ୪।୧୨ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କରଦା ପଞ୍ଚାୟତ ନନ୍ଦିପୁର ଗ୍ରିନ ଫିଲ୍ଡରେ ଲକ୍ଷ୍ମୀନାରାୟଣ କ୍ରିକେଟ ଆସୋସିଏଶନ ପକ୍ଷରୁ ୭ମ ବାର୍ଷିକ ନନ୍ଦିପୁର ପ୍ରିମିୟର ଲିଗ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ଜିଲା ବାସୁଦେବପୁର କ୍ରିକେଟ ଟିମ୍ ଏବଂ ଯାଜପୁର ଜିଲା ଗ୍ରାମ ନନ୍ଦିପୁର କ୍ରିକେଟ ଟିମ୍ ମଧ୍ୟରେ ପ୍ରଥମ ଦିନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗ୍ରାମ ନନ୍ଦିପୁର ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୫୫ ରନ୍ କରିଥିଲା। ବାସୁଦେବପୁର ଟିମ୍ ୬ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୫୬ ରନ୍ ବିଜୟୀ ହୋଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ଖବରଦାତା ବିବେକାନନ୍ଦ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଖବରଦାତା ପ୍ରଦୀପ କୁମାର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଖବରଦାତା ଅଜିତ ସାମଲ ଓ ପ୍ରଶାନ୍ତ ସାହୁ ଯୋଗ ଦେଇଥିଲେ। ଅମ୍ପାୟାର ଥିଲେ ଶିବାଶିଷ ନାୟକ ଓ ତାପସ ନାୟକ। ପୀତାମ୍ବର ସାମଲ, ସତ୍ୟଜିତ ଧଳ, ଅନିଲ ସାମଲ, ସତ୍ୟବ୍ରତ ସାମଲ, ଅଶ୍ୱିନୀ ନାୟକ, ମୁକ୍ତିକାନ୍ତ ସାମଲ, ଜ୍ୟୋତିରଞ୍ଜନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# କାନ୍ତକବିଙ୍କ ସ୍ମୃତିପୀଠ ପରିଦର୍ଶନ କଲେ ବିଜେଡି ଜିଲା ପର୍ଯ୍ୟବେକ୍ଷକ

ତିହିଡ଼ି,୪।୧୨(ସଞ୍ଜିତ ବଳ)

ବିଜେଡିର ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ତିହିଡ଼ି ବ୍ଲକର ତାଳପଦାସ୍ଥିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିପୀଠ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ତାଙ୍କ ସମାଧି ପୀଠକୁ ଯାଇ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ପରେ ସେ କାନ୍ତମନ୍ଦିରକୁ ଯାଇ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୀଠକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଥିଲେ। କାନ୍ତକବି ସ୍ମୃତି କମିଟି ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର, ଉପସଭାପତି ରାକେଶ ମହାପାତ୍ର, ସହସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର, ସଦସ୍ୟ ଉପେନ୍ଦ୍ର ଜେନା, ଘନଶ୍ୟାମ ଦାସ, ଅଜିତ ଦାସ, ନିର୍ମଳ ଦାସ, ଦୈତାରୀ ବେହେରା ପ୍ରମୁଖ ପର୍ଯ୍ୟବେକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ଧାମନଗର ଯୁବ ବିଜେଡି ସଭାପତି ସୁଧନ୍ୱା ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ପ୍ରମୁଖ ପର୍ଯ୍ୟବେକ୍ଷକଙ୍କ ସହ ଉପସ୍ଥିତ ଥିଲେ।


କାନ୍ତକବିଙ୍କ ସମାଧି ପୀଠରେ ପୁଷ୍ପ ଅର୍ପଣ କରାଯାଉଛି।



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

### ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ

## ଯାଜପୁର ଇଲେଭେନ୍ ଷ୍ଟାର ବିଜୟୀ

ଉଦଳା,୪।୧୨(ସନ୍ତୋଷ କୁମାର ବାଛିନୀ)

ଉଦଳା ହାଇସ୍କୁଲ ପଡ଼ିଆରେ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଦ୍ୱିତୀୟ ଦିବସ ମ୍ୟାଚ ଉଦଳା ୟୁନିକ ଇଲେଭେନ କ୍ଲବ ଓ ଯାଜପୁର ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଉଦଳା ୟୁନିକ ଇଲେଭେନ ବ୍ୟାଟିଂ ନିଷ୍ପତ୍ତି ନେଇ ସମସ୍ତ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ୬ ଉଇକେଟ ହରାଇ ଯାଜପୁର ଇଲେଭେନ ଷ୍ଟାର ୧୫୭ ରନ୍ କରି ବିଜୟୀ ହୋଇଥିଲା। ଉଦଳା ପକ୍ଷରୁ ହୃଷିକେଶ ଦାସ ୩୭ରନ ଦେଇ ୫ ଉଇକେଟ ଅକ୍ତିଆର କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ୟାପ୍‌ଟେନ ବିକାଶ ରଞ୍ଜନ ବାରିକ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚକୁ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ । ତୃତୀୟ ଦିବସରେ କେନ୍ଦୁଝର ୟୁନିକ ଇଲେଭେନ ଓ ଭଦ୍ରକ ସୂର୍ଯ୍ୟ ଶିକ୍ଷା ମଧ୍ୟରେ ଅନୁଷ୍ଠିତ ହେବ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ କ୍ରୀଡ଼ା ପ୍ରତିଯୋଗିତା

ବାରିପଦା,୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ଆଲବେର୍ଣ୍ଣିନା ଟିର୍କୀ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମହାନ୍ତି, ଆଇୱାଇଡିପି ଜିଲା ନୋଡାଲ ଅଧିକାରୀ ଡ. କୈଳାସ ମିଶ୍ର, ଏମ୍‌ପିସି କଲେଜ ନୋଡାଲ ଅଧିକାରୀ ଡ. ପ୍ରମୋଦ ଚନ୍ଦ୍ର ସାହୁ, କ୍ରୀଡ଼ା କମିଟିର ଆବାହକ ଡ. ଦୀପକ ବେହେରା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପିଲାମାନଙ୍କ ମଧ୍ୟରେ କ୍ୟାରମ, ଚେସ, ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# 'ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ବିକଶିତ କରିବା ଲକ୍ଷ୍ୟ'

ବାଲେଶ୍ୱର, ୪।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର କୁନ୍ତଳା କୁମାର ସାବତ ମହିଳା ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବପିଢ଼ିଙ୍କ ଭିତରେ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ଓ ସେବା କାର୍ଯ୍ୟର ଭାବଧାରା ଉଦ୍ରେକ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୦ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୫ଶହରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ୱାର୍ଡ କାଉନସିଲର ନିତ୍ୟଗୋପାଳ ଦାସ, କେକେଏସ୍ କଲେଜ ନୋଡାଲ ଅଧିକାରୀ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପାତ୍ର ଓ କେକେଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୋଡାଲ ଅଧିକାରୀ ଡ. ପ୍ରଦୋଷ କୁମାର ଜେନା ମଞ୍ଚାସୀନ ହୋଇଥିଲେ। ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ସରିଲା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ, ସାରସ୍ୱତ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିନିକିଆ ସେବା କାର୍ଯ୍ୟରେ ବହୁ ସଂଖ୍ୟକ ଛାତ୍ରୀ ଚାନ୍ଦିପୁର ବେଳାଭୂମିରେ ପଡ଼ିରହିଥିବା ଅଳିଆ ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ବୋତଲ ଆଦି ସଫା କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବାଲେଶ୍ୱର ସହରରେ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଓ ବାଳିକା ଶିକ୍ଷା ଉପରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ଡ. ରାମନାଥ ଦ୍ୱିବେଦୀ, ଅଧ୍ୟାପକ ସଞ୍ଜୟ ସ, ଡ. ଝାନ୍‌ସୀ ଜେନା, ଡ. ଜ୍ୟୋତିର୍ମୟୀ ପ୍ରଧାନଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ସ୍ନୋ ଫେଷ୍ଟର ଷଷ୍ଠ ସଂସ୍କରଣ ଉଦ୍‌ଘାଟିତ

ବାଲେଶ୍ୱର, ୪।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ଗାନ୍ଧୀ ସ୍ମୃତିଭବନ ପରିସରରେ ଅଗ୍ରଣୀ ମହୋତ୍ସବ ସ୍ନୋ ଫେଷ୍ଟର ଷଷ୍ଠ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ୩ଦିନିଆ ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱରର ସାମାଜିକ କର୍ମୀ ସାହିରୁଲ ହକ, ସାମାଜିକ କର୍ମୀ ଅସିତ ଦାସ, କାଉନସିଲର ରଞ୍ଜିତା ମହାପାତ୍ର, କାଉନସିଲର ସଞ୍ଜୀବ ଦାସ, ସାଧାରଣ ସମ୍ପାଦକ ବ୍ୟାସଦେବ ରାଣା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ନାରୀ ସଶକ୍ତିକରଣ ନିମନ୍ତେ ଏକ ସଭା ଆୟୋଜନ କରାଯାଇଥିଲା। ଖବରଦାତା ଜ୍ୟୋତିର୍ମୟୀ ଶତପଥୀ, ସାମାଜିକ କର୍ମୀ ଛବିରାଣୀ ମନ୍ତ୍ରୀ, ମିନତୀ ସେଠୀ, ଜୟଶ୍ରୀ ବିଶ୍ୱାଳ, ଆଶ୍ରିତା ତରାଇ, ରୀମା ଜୋସେଫ ପ୍ରମୁଖ ଯୋଗ ଦେଇ ମହିଳାମାନଙ୍କର ବିଭିନ୍ନ ସମସ୍ୟା ଏବଂ ସମାଧାନ ଉପରେ ଆଲୋଚନା କରିଥିଲେ। ସବ୍- ଜୁନିଅର (୮ବର୍ଷ ବୟସରୁ କମ୍ ) ବର୍ଗରେ ଚିତ୍ରାଙ୍କନ, ଫ୍ୟାନସି ଡ୍ରେସ, ଆଧୁନିକ ନୃତ୍ୟ, ମ୍ୟୁଜିକ ଚେୟାର, ଜୁନିଅର ( ୮ରୁ ୧୫ ବର୍ଷ ) ବର୍ଗରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଏକକ ଅଭିନୟ, କୁଇଜ, ଭାଷଣ, ସଂଗୀତ ଏବଂ କ୍ୟୁବ ସଲଭ ଏବଂ ସିନିଅର (୧୫ରୁ ଊର୍ଦ୍ଧ୍ୱ ବର୍ଷ) ବର୍ଗରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, କୁଇଜ, ଭାଷଣ, ଗ୍ରୁପଡ୍ୟାନ୍ସ, ମେକ୍‌ଅପ, ରାମ୍ପ ୱାକ (୧୩ ବର୍ଷ ବୟସରୁ ଊର୍ଦ୍ଧ୍ୱ ) ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ପର୍ବପର୍ବାଣି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ପିଠାପଣାକୁ ସଜାଗ ଓ ଲୋକଲୋଚନକୁ ଆଣିବା ପାଇଁ ଏଥର ପ୍ରଥମଥର ପାଇଁ ବାଲେଶ୍ୱରରେ ପିଠା ପ୍ରତିଯୋଗିତା ଆୟୋଜନ କରିବାର ପଦକ୍ଷେପ ନିଆଯାଇଛି। ଏହି ପ୍ରତିଯୋଗିତାରେ କେବଳ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିପାରିବେ। ଉତ୍ସବର ଦ୍ୱିତୀୟ ଦିନରେ 'ଉତ୍କଳୀୟ ପିଠାର ପସରା' ନାମକ ଏହି ପ୍ରତିଯୋଗିତାରେ ମା'ମାନେ ଓଡ଼ିଆ ପିଠା ପ୍ରଦର୍ଶନ କରିପାରିବେ। ଏହି ପ୍ରତିଯୋଗିତାର ବିଜେତାଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏଥିସହିତ ବାକି ଟପ୍-୮ ର ସମସ୍ତ ପ୍ରତିଯୋଗୀଙ୍କୁ ୧୦୦୦ ଲେଖାଏଁ ୮୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ସଭାରେ ପୁରସ୍କାର ବିତରଣ ପରେ ଆୟୋଜିତ ହୋଇଥିବା ଓଲିଉଡ ନାଇଟରେ ସଙ୍ଗୀତ ପ୍ରତିଭା ଶର୍ମିଷ୍ଠା ସରକାର ଏବଂ ସନତ କୁମାର ପରିବେଷଣ କରିବେ। ସେହିପରି ଶେଷଦିନରେ ସଭା ପରେ ଓଲିଉଡ଼ର ଖ୍ୟାତନାମା ଗାୟକ ସ୍ୱୟମ୍ ପାଢ଼ୀ ଏବଂ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ କରିବେ। ସ୍ନୋ ଫେଷ୍ଟର ସଭାପତି ଶୁଭମ ସାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନୋ ଫେଷ୍ଟର କର୍ମକର୍ତ୍ତା ସତ୍ୟଶଙ୍କର ମହାନ୍ତି, ଅଭିଜିତ ବିଶ୍ୱାଳ, ବିଶ୍ୱଜିତ ନାୟକ, ବିଭୂପଦ ମହାନ୍ତି, ଅନୀଲ ପ୍ରଧାନ, ଅମିତ କୁଣ୍ଡୁ, ଜଗନ୍ନାଥ ବେହେରା, ଚନ୍ଦନ ପଢ଼ିଆରୀ, ଅଭିଷେକ ବାରିକ, ଖୁଶଲ ଶର୍ମା ପ୍ରମୁଖ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଗଣ।

